# ଭୋଟର ଫଟୋ ପରିଚୟ ପତ୍ର ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ତା ୨୬-୧୦-୨୦୦୯ ରିଖ ଠାରୁ ତା ୧୬-୧୧-୨୦୦୯ ରିଖ ପର୍ଯ୍ୟନ୍ତ

ଭୁବନେଶ୍ୱର ର ୩ ଗୋଟି ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ଯଥା-୧୧୨- ଭୁବନେଶ୍ୱର ମଧ୍ୟ, ୧୧୩- ଭୁବନେଶ୍ୱର ଉତ୍ତର ଓ ୧୧୪- ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚ଼ନ ମଣ୍ଡଳୀର ଫଟୋ ଭୋଟର ତାଲିକାରେ ନାମ ଥାଇ **EPIC** ନମ୍ବର ଏବଂ ଫଟୋ ନଥିବା, ନାମ ଓ **EPIC** ନମ୍ବର ଥାଇ ଫଟୋ ନଥିବା, କିମ୍ବା ଏକ ନିର୍ଦ୍ଦିଷ୍ଟ ନିର୍ବାଚ଼ନ ମଣ୍ଡଳୀ ଅଧିନରେ ଥାଇ ଗୋଟିଏ ବୁଥରୁ ଆଉ ଗୋଟିଏ ବୁଥକୁ ନାମ ସ୍ଥାନାନ୍ତର କରିବାକୁ ଚାହୁଁଥିବା ଭୋଟର ମାନଙ୍କର ସଠିକ ଭୋଟ ଫଟୋ ପରିଚ଼ୟପତ୍ର ପ୍ରସ୍ତୁତ ନିମନ୍ତେ ଆସନ୍ତା ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମର ସମସ୍ତ ସୁବିଧା ସୁଯୋଗ ନିମ୍ନରେ ଉଲ୍ଲେଖ କରାଯାଇଥିବା ଭୋଟର ଫଟୋ ପରିଚ଼ୟପତ୍ର ପ୍ରସ୍ତୁତ ସହାୟକ କେନ୍ଦ୍ର **(Voters EPIC Help Centre)** ରେ ଉପଲବ୍ଧ ହେବ।

୧. ଫଟୋଭୋଟର ତାଲିକାରେ ନାମ ଥାଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟର ବିଶେଷ ସଂଶୋଧନ ଆବଶ୍ୟକ ଥିଲେ ଫର୍ମନଂ-୮ ରେ ଆବେଦନ କରି ସଂଶୋଧନ କରିପାରିବେ।

୨. ନିର୍ଦ୍ଦିଷ୍ଟ ଏକ ନିର୍ବାଚ଼ନ ମଣ୍ଡଳୀ ଅଧିନରେ ଗୋଟିଏ ବୁଥରେ ନାମ ଥାଇ ଅନ୍ୟ ବୁଥ ଅଞ୍ଚଳରେ ରହୁଥିଲେ ଗୋଟିଏ ବୁଥରୁ ଅନ୍ୟ ବୁଥକୁ ନାମ ସ୍ଥାନାନ୍ତର ପାଇଁ (ଟ୍ରାନ୍ସପୋଜିସନ) ଫର୍ମନଂ-୮(କ) ରେ ଆବେଦନ କରି ସଂଶୋଧନ କରିପାରିବେ।

୩. ଯେଉଁମାନଙ୍କର ଭୋଟର ତାଲିକାରେ ନାମ ଥାଇ ଫଟୋ ପରିଚ଼ୟପତ୍ର ନଥିବ କିମ୍ବା ନାମ ଓ **EPIC** ନମ୍ବର ଥାଇ ଫଟୋ ନଥିବ ସେମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ଫଟୋ ଉଠାଇ ପାରିବେ ଅଥବା ଦୁଇ ଗୋଟି ରଙ୍ଗୀନ ପାସପୋର୍ଟ ସାଇଜ ଫଟୋ ଦାଖଲ କରି ଫଟୋ ପରିଚ଼ୟ ପତ୍ର ପାଇପାରିବେ।

- ଏହି ସୁବିଧା କେବଳ ଫଟୋଭୋଟର ତାଲିକାରେ ନାମଥିବା ଭୋଟରମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
- ଆବଶ୍ୟକୀୟ ଦରଖାସ୍ତ ଫର୍ମ ଓ ଫଟୋଉଠା ସୁବିଧା ସଂପୃକ୍ତ ସହାୟକ କେନ୍ଦ୍ରରେ ଉପଲବ୍ଧ ହେବ ।
- ଦରଖାସ୍ତ କରିବା ସମୟରେ ନିଜର ପରିଚ଼ୟ ସାବ୍ୟସ୍ତ କରିବା ପାଇଁ ଆବଶ୍ୟକୀୟ ସହାୟକ ପ୍ରମାଣ ସାଙ୍ଗରେ ଆଣିବା ଦରକାର । ଯଥା-ଡ୍ରାଇଭିଙ୍ଗ୍ ଲାଇସେନସ୍, ପ୍ୟାନ୍ କାର୍ଡ୍, ଜନ୍ମପ୍ରମାଣପତ୍ର, ବିବାହ ପ୍ରମାଣପତ୍ର, ବ୍ୟାଙ୍କପାସବୁକ୍, କର୍ମଚ଼ାରୀ ପରିଚ଼ୟପତ୍ର ଇତ୍ୟାଦି ।
- ଏହି ସମ୍ବନ୍ଧୀୟ କୌଣସି ଅଧିକ ସୂଚ଼ନା ଆବଶ୍ୟକ ହେଲେ ଖୋଲାଯାଇଥିବା କଣ୍ଟ୍ରୋଲରୁମକୁ ଫୋନନଂ-୦୬୭୪-୨୩୯୧୧୨୫ ରେ ଯୋଗାଯୋଗ କରିପାରିବେ । (ସକାଳ ଘ ୧୦ ଷ୍ଟା ଠାରୁ ଅପରାହ୍ନ ଘ ୫ ଷ୍ଟା ପର୍ଯ୍ୟନ୍ତ)
- ଭୋଟର ଫଟୋ ପରିଚ଼ୟପତ୍ର ପ୍ରସ୍ତୁତ ନିମନ୍ତେ ସହାୟକକେନ୍ଦ୍ର ଧାର୍ଯ୍ୟ ଦିନ ଗୁଡ଼ିକରେ ସକାଳ ଘ ୯ ଷ୍ଟା ଠାରୁ ଅପରାହ୍ନ ଘ ୫ ଷ୍ଟା ପର୍ଯ୍ୟନ୍ତ ଖୋଲା ରହିବ। (ସମସ୍ତ ସରକାରୀ ଛୁଟିଦିବସ ସହିତ)

ଭୋଟର ଫଟୋ ପରିଚ଼ୟପତ୍ର ପ୍ରସ୍ତୁତି ନିମନ୍ତେ ସହାୟକ କେନ୍ଦ୍ରର ନାମ ଓ ଠିକଣା

| ବିଧାନସଭା ନିର୍ବାଚ଼ନ ମଣ୍ଡଳୀର ନାମ | ଫଟୋ ପରିଚ଼ୟ ପତ୍ର ସହାୟକ କେନ୍ଦ୍ରର ନାମ ଓ ଅବସ୍ଥିତି | ସହାୟକ କେନ୍ଦ୍ରସହ ସାମିଲ ଅଞ୍ଚଳର ବୁଥନଂ |
|---|---|---|
| ୧୧୨-ଭୁବନେଶ୍ୱର ମଧ୍ୟ | କ୍ୟାପିଟାଲ ହାଇସ୍କୁଲ ୟୁନିଟ୍-୩, ଭୁବନେଶ୍ୱର | ବୁଥନଂ-୧ ରୁ ୧୬୨ |
| ୧୧୩-ଭୁବନେଶ୍ୱର ଉତ୍ତର | (୧) ସୀତାନାଥ ହାଇସ୍କୁଲ ଚ଼ନ୍ଦ୍ରଶେଖରପୁର, ଭୁବନେଶ୍ୱର | ବୁଥନଂ-୧୯ ରୁ ୧୧୬ |
| | (୨) ପଳାଶୁଣୀ ୟୁଜିଏମଇ ସ୍କୁଲ, ରସୁଲଗଡ଼, ଭୁବନେଶ୍ୱର | ବୁଥନଂ-୧ ରୁ ୧୮ ଓ ବୁଥନଂ-୧୧୭ ରୁ ୧୬୨ |
| ୧୧୪-ଏକାମ୍ର ଭୁବନେଶ୍ୱର | (୧) ବରମୁଣ୍ଡା ମ୍ୟୁନିସପାଲ ହାଇସ୍କୁଲ, ବରମୁଣ୍ଡା, ଭୁବନେଶ୍ୱର | ବୁଥନଂ-୧ ରୁ ୨୨, ବୁଥନଂ-୨୫ ରୁ ୪୪ ଓ ବୁଥନଂ-୮୦ ରୁ ୯୧ |
| | (୨) ମା ଭୁଆସୁଣୀ ସରକାରୀ ହାଇସ୍କୁଲ, ସାମନ୍ତରାପୁର, ଭୁବନେଶ୍ୱର | ବୁଥନଂ-୨୩,୨୪, ବୁଥନଂ-୪୫ ରୁ ୭୯ ଓ ବୁଥନଂ-୯୨ ରୁ ୧୫୩ |

* ଫଟୋଭୋଟର ତାଲିକା ଏବଂ ନିର୍ବାଚ଼ନମଣ୍ଡଳୀର ନକ୍ସା **CEO's website "www.ceoorissa.nic.in"** ରେ ଉପଲବ୍ଧ ଅଟେ। ଏଥିରେ **Search facility** ରେ ଭୋଟରମାନେ ସେମାନଙ୍କ ନାମ, କ୍ରମିକନଂ, ବୁଥନଂ ଏବଂ ବୁଥକେନ୍ଦ୍ର ସଂପର୍କରେ ବିବରଣୀ ଜାଣିପାରିବେ।

ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତଥା
ଉପଜିଲ୍ଲାପାଳ, ଭୁବନେଶ୍ୱର